# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 25 January - 2025

## ରାଷ୍ଟ୍ରପତିଙ୍କ ଅଭିଭାଷଣ

୭୬ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଆକାଶବାଣୀର ସମସ୍ତ ଜାତୀୟ ନେଟଓ୍ୱର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ପ୍ରଥମେ ହିନ୍ଦୀ ଏବଂ ପରେ ପରେ ଇଂରାଜୀରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀର ସମସ୍ତ ଆଞ୍ଚଳିକ ନେଟଓ୍ୱର୍କରେ ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ ।

## ଜାତୀୟ ଭୋଟର ଦିବସ

ପଞ୍ଚଦଶ ଜାତୀୟ ଭୋଟର ଦିବସ ଆଜି ପାଳିତ ହେଉଛି । ଚଳିତବର୍ଷର ବାର୍ତ୍ତା ରହିଛି **ଭୋଟ୍ ଦେବା ଭଳି ଆଉ କିଛି ନାହିଁ, ମୁଁ ନିଶ୍ଚିତ ଭୋଟ୍ ଦେବି ।** ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ମତଦାତାଙ୍କୁ ସାମିଲ କରିବା ନେଇ ସଚେତନତା ବୃଦ୍ଧି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ମୁଖ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ ।

ଏହି ଅବସରରେ ରାଜ୍ୟସ୍ତରୀୟ ସମାରୋହ ଆଜି ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପୂର୍ବାହ୍ନରେ ଅନୁଷ୍ଠିତ ହେବ ।

## ରାୟଗଡାରେ ଯୋଜନାର ସମୀକ୍ଷା

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରାୟଗଡା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭାଗୀୟ ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ଗୋପାଳନ, ଘାସ ଚାଷ ଏବଂ ପ୍ରାଣୀସମୃଦ୍ଧି ଯୋଜନା ଅଧୀନରେ କୁକୁଡା ପାଳନ ଓ ଅଣ୍ଡା ଉତ୍ପାଦନ ଉପରେ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପଦ୍ମପୁର ବ୍ଲକ କେନ୍ଦୁଗୁଡାଠାରେ ପଞ୍ଜୁରୀ ମାଧ୍ୟମରେ ମାଛଚାଷ କରିବା ନେଇ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଆଦିବସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଷୋଡଶତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ ଆରମ୍ଭ ହେଉଛି । ନେହେରୁ ଯୁବକେନ୍ଦ୍ର ଓଡ଼ିଶା ଶାଖା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଛତିଶଗଡ, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ୫ଟି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୨୨୦ଜଣ ଯୁବ ପ୍ରତିନିଧି ଏଥିରେ ଯୋଗ ଦେଉଛନ୍ତି ।

# କୁଷ୍ଠରୋଗ ସଚେତନତା ଅଭିଯାନ

ସୁବର୍ଣ୍ଣପୁରରେ କୁଷ୍ଠରୋଗ ସଚେତନତା ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ନେଇ ଜିଲ୍ଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୩୦ତାରିଖରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ସ୍ପର୍ଶ କୁଷ୍ଠରୋଗ ସଚେତନତା ଅଭିଯାନ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି ।

# ତାଲିମ ଶିବିର

ନୂଆପଡା ଜିଲ୍ଲା କୋମନା ବ୍ଲକ କୃଷି କାର୍ଯ୍ୟାଳୟଠାରେ କୃଷିକ୍ଷେତ୍ର କର୍ମୀ, ବିଭାଗୀୟ ଅଧିକାରୀ ଏବଂ କୃଷକ ସାଥୀଙ୍କ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଇକ୍ରିସେଟ୍ ସହାୟତାରେ ଉନ୍ନତ କୃଷି ପ୍ରଣାଳୀ ଉପରେ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା ।

# କ୍ରୀଡ଼ା ପ୍ରତିଯୋଗିତା

୩୮ତମ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ମଙ୍ଗଳବାରଠାରୁ ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାରୁ ୩୦୨ଜଣ କ୍ରୀଡ଼ାବିତ୍ ଏବଂ ୭୫ଜଣ ସହାୟକ କର୍ମଚାରୀ ଯୋଗଦେବେ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତକାଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ସହ ମତ ବିନିମୟ କରିଛନ୍ତି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଓଡ଼ିଶା ୱାରିୟର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ହେବ । ରାଞ୍ଚିର ଜୟପାଲସିଂହ ହକି ଷ୍ଟାଡିୟମଠାରେ ଗତକାଲି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି । ଏହି ବିଜୟ ସହ ସୁର୍‌ମା ହକି କ୍ଲବ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇ ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି । ପୂର୍ବରୁ ଓଡ଼ିଶା ୱାରିୟର୍ସ ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଥିଲା ।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ଗତକାଲିର ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ କଳିଙ୍ଗ ଲାନ୍ସର୍ସଙ୍କୁ ପରାସ୍ତ କରିଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଆଜି ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ଗୋନାସିକା ଦଳ ମଧ୍ୟରେ ମୁକାବିଲା ହେବ । ଦ୍ୱିତୀୟ ମ୍ୟାଚ୍‌ରେ ହାଇଦ୍ରାବାଦ ତୁଫାନ୍ସ ଏବଂ ୟୁପି ରୁଦ୍ରାସ ପରସ୍ପରଙ୍କୁ ଭେଟିବେ ।